

ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି





ବୈପାରୀଗୁଡ଼ାରେ ବାହୁଡ଼ା ଯାତ୍ରା।



କୋରାପୁଟ ସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ଶୁକ୍ରବାର ବାହୁଡ଼ା ଯାତ୍ରା ଅବସରରେ ଗୁଣ୍ଡିଚା ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ରଥକୁ ନିଆଯାଉଛି।



ସୁନାବେଡ଼ାରେ ବାହୁଡ଼ା ଯାତ୍ରାରେ ରଥ ଟାଣିନେଉଛନ୍ତି ଭକ୍ତ।

# ବାହୁଡ଼ିଲେ ମହାବାହୁ, ସିଂହଦ୍ୱାରରେ ପହଞ୍ଚିଲା ରଥ

କୋରାପୁଟ,୧୨।୭(ସ୍ୱ.ପ୍ର.)

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ମାଉସୀ ଘରେ ୯ ଦିନର ରହଣି ସାରି ଶୁକ୍ରବାର ବାହୁଡ଼ିଛନ୍ତି ମହାବାହୁ। ଅପରାହ୍ନ ୫ଟା ୩୫ରେ ୩ ରଥ ସିଂହଦ୍ୱାର ନିକଟରେ ପହଞ୍ଚିଛି। ସକାଳ ୭ଟା ୩୦ରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧା ମୂରତିଙ୍କୁ ମାଲ୍ୟାର୍ପଣ, ପୂଜାର୍ଚ୍ଚନା, ୯ଟା ୩୦ରେ ଠାକୁରଙ୍କ ପହଣ୍ଡି କରାଯାଇ ୧୦ଟା ୩୦ ସୁଦ୍ଧା ରଥାରୂଢ଼ କରାଯାଇଥିଲା। ପହଣ୍ଡି ପର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି କନୱର ବିଶାଳ ସିଂ, ଡିଆଇଜି ହିମାଂଶୁ ଲାଲ ପୂଜାର୍ଚ୍ଚନା କରିଥିଲେ। ୧୨ଟା ୩୦ରେ ଗ୍ରାମର ନାୟକ ଦାସି ନାୟକ ଛେରା ପହଁରା କରିବା ପରେ ଦିନ ଗୋଟାଏରେ ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ, ଏହାପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷକୁ ହଜାର ହଜାର ଭକ୍ତ ସିଂହଦ୍ୱାର ଅଭିମୁଖେ ଟାଣି ନେଇଥିଲେ।

**ଶାବର ଶ୍ରୀକ୍ଷେତ୍ର**

କୀର୍ତ୍ତନ ମଣ୍ଡଳୀ, ଆଦିବାସୀ ନୃତ୍ୟ, ଘଣ୍ଟ ମୃଦଙ୍ଗ ବାଦ୍ୟ ଓ ଭକ୍ତଙ୍କ ହୁରିରେ ପ୍ରକମ୍ପିତ ହୋଇଉଠିଥିଲା ସଡ଼କ। ରଥ ହାଟପଦା ସ୍ଥିତ ମାଉସୀ ମା' ଘର ନିକଟରେ ପହଞ୍ଚିବା ପରେ ସେଠାରେ କୋରାପୁଟ ଥାନା ଅଧିକାରୀ ବାସୁଦେବ ଛତ୍ରିଆ ଶ୍ରୀଜଗନ୍ନାଥଙ୍କ ପାଇଁ ପଣା, ଛେନାପୋଡ଼, ପୋଡ଼ପିଠା, କାକରା, ମାଲପୁଆ, ବୁନ୍ଦି ସମର୍ପଣ କରିଥିଲେ। ସେଠାରୁ ରଥ ଟ୍ରାଫିକ ଛକରେ ପହଞ୍ଚିବା ପରେ ଭକ୍ତମାନେ ଆଣିଥିବା ଭୋଗ ଠାକୁରଙ୍କୁ ଲାଗି କରାଯାଇଥିଲା। ଏହାପରେ ୩ ରଥ ଅପରାହ୍ନ ୫ଟା ୩୫ରେ ସିଂହଦ୍ୱାର ନିକଟରେ ପହଞ୍ଚିଥିଲା। ବାହୁଡ଼ା ଯାତ୍ରାରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଉପଜିଲାପାଳ ଲଳିତ କହଁର, ଏମ୍‌ପି ସପ୍ତଗିରି ଉଲ୍ଲାକା, କୋରାପୁଟ ବିଧାୟକ ରଘୁରାମ ପଡାଲ, ପୂର୍ବତନ କୋରାପୁଟ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ପୂର୍ବତନ ବିଧାୟକ ନିମାଇଁ ସରକାର, ମନ୍ଦିର ପରିଚାଳନା କମିଟି ସମ୍ପାଦକ ତଥା ପୂର୍ବତନ ଜିଲାପାଳ ଗଦାଧର ପରିଡ଼ା, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଲଳିତ ମୋହନ ପଟ୍ଟନାୟକ ଉପସ୍ଥିତ ଥିଲେ।

■ ବାଙ୍କମଠରୁ ବାହୁଡ଼ି ମାଉସୀମା' ମନ୍ଦିରରେ ଅଟକିଲା ରଥ

# ଆଜି ଶ୍ରୀମନ୍ଦିର ଫେରିବେ ଶ୍ରୀଜୀଉ

ଜୟପୁର,୧୨।୭(ଡି.ଏନ୍.ଏ./ନି.ପ୍ର.)

ବାହୁଡ଼ା ଯାତ୍ରା ଅବସରରେ ଜୟପୁରର ଆଡ଼ପ ମଣ୍ଡପ କୁହାଯାଉଥିବା ବାଙ୍କମଠରୁ ଶୁକ୍ରବାର ତିନି ଠାକୁର ଲକ୍ଷାଧିକ ଭକ୍ତଙ୍କ ଗହଣରେ ମାଉସୀ ମା' ଘର ଯାଏ ଫେରିଛନ୍ତି। ଶନିବାର ମାଉସୀ ମା' ଘର କୁହାଯାଉଥିବା ଶ୍ରୀଚୈତନ୍ୟ ମନ୍ଦିରରୁ ରଥାରୂଢ଼ ତିନି ଠାକୁର ପୁଣି ରାଜନଅର ଯାଏ ଯିବେ। ଶୁକ୍ରବାର ପୂଜାର୍ଚ୍ଚନା ସହ ୭ ପ୍ରକାର ଅନ୍ନଭୋଗ ଲାଗି ହୋଇଥିଲା। ତିନି ଠାକୁରଙ୍କୁ ଅପରାହ୍ନ ସାଢ଼େ ୩ଟା ବେଳେ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ମୁଖ୍ୟ ପୂଜକ ଡମ୍ବରୁ ପଣ୍ଡା ପହଣ୍ଡି କରାଇଥିଲେ। ପ୍ରଥମେ ସୁନାରୀ ସାହିର ସେବାୟତ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଏବଂ ସାମନ୍ତରା ସାହିର ସେବାୟତ ଶ୍ରୀଜଗନ୍ନାଥଙ୍କୁ ରଥାରୂଢ଼ କରିଥିଲେ। ଅପରାହ୍ନ ସାଢ଼େ ୪ଟାରେ ରଥଟଣା ଆରମ୍ଭ ହୋଇ ଗୌଡ଼ସାହି ନିକଟରେ ରଥ ଅଟକିଥିଲା। ସେଠାରେ ସାହି ବାସିନ୍ଦା କାକରାପିଠା ଭୋଗ ଲାଗି କରିବା ପରେ ପୁଣି ରଥଟଣା ହୋଇ ସନ୍ଧ୍ୟାରେ ସଉରାସାହି ଛକ ନିକଟସ୍ଥ ଶ୍ରୀଚୈତନ୍ୟ ମନ୍ଦିର ନିକଟରେ ଲାଗିଥିଲା ରଥ। ରାତିରେ ମାଉସୀ ମା ମନ୍ଦିରରେ ତିନିଠାକୁରଙ୍କୁ ପୋଡ଼ପିଠା ଭୋଗ ଦିଆଯିବ। ରଥଟଣା ବେଳେ ଅତିରିକ୍ତ ତହସଲିଦାର ମାନସ ପଟ୍ଟନାୟକ, ଏସ୍‌ଡିପିଓ ସାଗରିକା ନାଥ, ଟାଉନଥାନା ଆଇଆଇସି ବାଲେଶ୍ୱର ଗିଧି, ସଦର ଥାନା ଅଧିକାରୀ ଧୀରେନ୍ଦ୍ର ବେହେରା ଉପସ୍ଥିତ ଥିଲେ। ସେହିପରି ପୁରୁଣାଗଡ଼ରେ ବାହୁଡ଼ା ଯାତ୍ରା ହୋଇଥିଲା। ଚତୁର୍ଦ୍ଧା ମୂରତି ସ୍ଥାନୀୟ କାଳୀ ମନ୍ଦିର ସ୍ଥିତ ଗୁଣ୍ଡିଚା ମନ୍ଦିରରୁ ନୀଳକଣ୍ଠେଶ୍ୱର ମନ୍ଦିର ସ୍ଥିତ ଜଗନ୍ନାଥ ମନ୍ଦିରକୁ ବାହୁଡ଼ିଥିଲେ।



ବାହୁଡ଼ାଯାତ୍ରା ପାଇଁ ପୁରୁଣାଗଡ଼ରେ ଶ୍ରୀଜୀଉଙ୍କ ସୁନାବେଶ।



ଦାମନଯୋଡ଼ିରେ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ନିଆଯାଉଛି।



ଜୟପୁରରେ ବାଙ୍କମଠରୁ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିନେଉଛନ୍ତି।



ସେମିଳିଗୁଡ଼ାରେ ରଥରେ ଛେରା ପହଁରା କରୁଛନ୍ତି ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ।



ଶାବର ଶ୍ରୀକ୍ଷେତ୍ର ବାହୁଡ଼ା ରଥଟଣାରେ ଏମ୍‌ପି ସପ୍ତଗିରି ଉଲାକା ସାମିଲ ହୋଇଛନ୍ତି।

## ସଂକ୍ଷେପରେ

### କୂଅରେ ପଡ଼ି ମହିଳା ମୃତ

ଜୟପୁର,୧୨।୭(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର ସଦରଥାନା ବାମୁଣିଗାଁରେ କୂଅରେ ପଡ଼ି ଜଣେ ବିବାହିତ ମହିଳାଙ୍କ ମୃତ୍ୟୁ ହୋଇଛି। ଶୁକ୍ରବାର ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକ ହେଲେ ହେମନ୍ତ ଖରାଙ୍କ ପତ୍ନୀ ଉର୍ମିଳା ଖରା (୨୫)। ସେ କିଛିଦିନ ହେବ ଅସୁସ୍ଥ ଥିବା ସହ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ବିଭିନ୍ନ ସମୟରେ କାହାକୁ କିଛି ନ କହି ଚାଲିଯାଉଥିଲେ। ଗତ ଗୁରୁବାର ସନ୍ଧ୍ୟାରେ ସେ ଘରୁ ବାହାରି ଉକ୍ତ କୂଅ ନିକଟକୁ ଯାଇଥିବା ବେଳେ ସେଥିରେ ଖସିପଡ଼ିଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ କୂଅରେ ପଡ଼ିଥିବା ଦେଖି ଗ୍ରାମବାସୀଙ୍କ ସହାୟତାରେ ସେଠାରୁ ତାଙ୍କୁ କାଢ଼ିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ବିଫଳ ହେବା ପରେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗ ବହୁ କଷ୍ଟରେ କୂଅ ଭିତରୁ ମହିଳାଙ୍କ ମୃତଦେହ ଉଦ୍ଧାର କରିବା ପରେ ତାଙ୍କୁ ତୁରନ୍ତ ଜୟପୁର ଜିଲା ଚିକିତ୍ସାଳୟ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପଶୁ ଡାକ୍ତରଖାନା ପରିସରରୁ ମିଳିଲା ମୃତଦେହ

ନନ୍ଦପୁର,୧୨।୭(ଡି.ଏନ୍.ଏ.): କୋରାପୁଟ ଜିଲା ନନ୍ଦପୁର ପୋଲିସ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହ ନନ୍ଦପୁର ପଶୁ ଚିକିତ୍ସାଳୟ ପରିସରରୁ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ କିପରି ମୃତ୍ୟୁ ହୋଇଛି, ତାହା ସ୍ପଷ୍ଟ ହୋଇପାରିନାହିଁ। ମୃତକ ଜଣକ ମୁହଁ ମାଡ଼ି ପଡ଼ିଥିବା ବେଳେ ତାଙ୍କ ଦେହରେ ଧଳା ଚେକ ସାର୍ଟ ଓ କଳା ଲୁଙ୍ଗି ରହିଛି। ପୋଲିସ କେସ ନମ୍ବର ୧୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଏସ୍‌ଆଇ ଦୀପକ ନାୟକ ଘଟଣାର ଅନୁସନ୍ଧାନ କରୁଥିବା ଜଣାପଡ଼ିଛି।

# ଥାନା ସମ୍ମୁଖ ଏନ୍‌ଏଚ୍‌ରେ ବିପର୍ଯ୍ୟସ୍ତ ଟ୍ରାଫିକ୍

ଜୟପୁର,୧୨।୭(ଡି.ଏନ୍.ଏ.)

ଜୟପୁର ସହର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ଉପରେ ଟ୍ରାଫିକ ବିପର୍ଯ୍ୟସ୍ତ ହୋଇଛି। ଟାଉନଥାନା ସମ୍ମୁଖ ଜାତୀୟ ରାଜପଥରେ ଅଟୋ, ମାଲବାହୀ ପିକଅପ ଓ ଟ୍ୟାକ୍ସି ରଖାଯାଉଥିବା ଯୋଗୁ ରାସ୍ତା ଅଣଓସାରିଆ ହୋଇପଡ଼ିଛି। ଗାନ୍ଧି ଛକରୁ ସରକାରୀ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଭାରିଯାନ ପାର୍କିଂ କରାଯାଉଥିବା ଯୋଗୁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପିସିଆର ଭ୍ୟାନ, ୨ଟି ବାଇକ ପଇଁତରା ମାରୁଥିଲେ ସୁଦ୍ଧା ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହୋଇଛି। ସନ୍ଧ୍ୟାରୁ ରାତି ୧୧ଟା ପର୍ଯ୍ୟନ୍ତ ଦୂରଗାମୀ ଘରୋଇ ବସ୍‌ଗୁଡ଼ିକ ରାସ୍ତା ଉପରେ ରଖାଯାଉଛି। ଏହାଦ୍ୱାରା ସହରର ଅନ୍ୟତମ ମୁଖ୍ୟଛକ ସରକାରୀ ବସ୍‌ଷ୍ଟାଣ୍ଡରୁ ପାରାବେଡ଼ା ଟ୍ରାଫିକ ଛକ ପର୍ଯ୍ୟନ୍ତ ରାସ୍ତା ଏକ ପ୍ରକାର ଅଣଓସାରିଆ ହେବା ସହିତ ବାଇକ ଏବଂ ୪ ଚକିଆ ଯାନ ଯାତାୟାତରେ ସମସ୍ୟା ଦେଖାଦେଇଛି। ବର୍ତ୍ତମାନ ନୂତନ ଭାବେ ଡିଭାଇଡର ନିର୍ମାଣ ହେବା ପରେ ବସ୍‌ଷ୍ଟାଣ୍ଡ ଛକଠାରୁ ଗାନ୍ଧି ଛକ ଯାଏ ଭାରିଯାନ ଏବଂ ଟ୍ୟାକ୍ସି ଓ ଅଟୋ ଷ୍ଟାଣ୍ଡକୁ ଉଠାଇବାର ବ୍ୟବସ୍ଥା କରିବା ପାଇଁ ପୋଲିସ କିମ୍ବା ପ୍ରଶାସନ ପଦକ୍ଷେପ ନେଉନାହାନ୍ତି। ଟ୍ରାଫିକ ସମସ୍ୟା ଯୋଗୁ ଦୁର୍ଘଟଣା ଘଟିବା ସହ ଧନଜୀବନ ହାନି ହେଉଛି। ସହରର ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ପାଇଁ ବିଭିନ୍ନ ସଂଗଠନ ବାରମ୍ବାର ଦାବିପତ୍ର ଦେଇଆସୁଛନ୍ତି।

# ବିଶ୍ୱ ଜନସଂଖ୍ୟା ଦିବସ ପାଳିତ



ଜନସଂଖ୍ୟା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କୋରାପୁଟ,୧୨।୭(ସ୍ୱ.ପ୍ର.)

କୋରାପୁଟ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଛି। ଜିଲା ଅତିରିକ୍ତ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରୁଣ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନୀ ଯୋଗଦେଇ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଗ୍ରାମାଞ୍ଚଳର ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। କୋରାପୁଟ ଜିଲା ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ସଚେତନତା ଅଭାବ ଯୋଗୁ ଗ୍ରାମାଞ୍ଚଳର ଲୋକେ ପରିବାର ନିୟନ୍ତ୍ରଣ ସଂପର୍କରେ ଏବେ ବି ଅଜ୍ଞ ରହିଛନ୍ତି। ଅଞ୍ଚଳର ମାଆମାନଙ୍କୁ ପ୍ରଥମେ ପରିବାର ନିୟନ୍ତ୍ରଣ ଉପରେ ସଚେତନତା କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲା ମ୍ୟାଲେରିଆ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ଦାସ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ ଶୁଭ୍ରକାନ୍ତ ଗନ୍ତାୟତ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ମାଧବ ପାଙ୍ଗି ଉପସ୍ଥିତ ଥିଲେ।

# ବସ୍‌କୁ ଧକ୍କାଦେଇ ବାଇକ ଚାଳକ ମୃତ

ଜୟପୁର,୧୨।୭(ଡି.ଏନ୍.ଏ.):

ଜୟପୁର ସଦରଥାନା ୨୬ ନମ୍ବର ଜାତୀୟ ରାଜପଥ ରଣ୍ଡାପାଲୀ ଗ୍ରାମ ଫାର୍ମାସି କଲେଜ ନିକଟରେ ଏକ ଘରୋଇ ବସ୍‌କୁ ପଛପଟୁ ଧକ୍କା ଦେଇଛି ବାଇକ୍। ଏଥିରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ସାଥିରେ ଥିବା ଅନ୍ୟ ଜଣେ ଆରୋହୀ ଗୁରୁତର ହୋଇଛନ୍ତି। ଶୁକ୍ରବାର ମଧ୍ୟାହ୍ନରେ ଜୟପୁରରୁ ବୋରିଗୁମ୍ମା ଯାଉଥିବା ଏକ ଘରୋଇ ବସ୍ ପଛପଟକୁ ଧକ୍କା ଦେଇଥିଲା ଏକ ବାଇକ୍ (ଓଡ଼ି୧୦ ୩୯୨୦)। ଏଥିରେ ବାଇକ୍ ଚାଳକ ବୈପାରୀଗୁଡ଼ା ଥାନା ରାମଗିରି ଗ୍ରାମର ରାଜେଶ ପରିଡ଼ା (୨୨) ଓ ଶୁକ୍ରା ମଲ୍ଲିକ (୨୯) ଗୁରୁତର ହୋଇଥିଲେ। ଖବରପାଇ ଘଟଣାସ୍ଥଳରେ ଆମ୍ବାଗୁଡ଼ା ଫାଣ୍ଡି ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟକୁ ପଠାଇଥିଲା। ସେଠାରୁ ସଙ୍କଟାପନ୍ନ ଅବସ୍ଥାରେ ଉଭୟଙ୍କୁ କୋରାପୁଟ ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚାଳକ ପରିଡ଼ାଙ୍କ ମୃତ୍ୟୁ ହୋଇଥିଲା। ଏନେଇ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁକରିବା ସହ ବସ୍‌କୁ ଜବତ କରି ତଦନ୍ତ ଚଳାଇଛି।

# ମେଡିକାଲ ପରିସରରୁ ବାଇକ ଚୋରି

କୋରାପୁଟ,୧୨।୭(ସ୍ୱ.ପ୍ର.):

କୋରାପୁଟ ମେଡିକାଲରୁ ଶୁକ୍ରବାର ମଧ୍ୟାହ୍ନରେ ଜଣେ ବ୍ୟକ୍ତିଙ୍କ ବାଇକ ଚୋରି ହୋଇଛି। ଏନେଇ କୋରାପୁଟ ଟାଉନ ଥାନାରେ ଅଭିଯୋଗ ହୋଇଛି। କୋଲାବ ଅଞ୍ଚଳର ତ୍ରିନାଥ ନାୟକ ବାପାଙ୍କ ଚିକିତ୍ସା କରିବା ପାଇଁ କୋରାପୁଟ ମେଡିକାଲ ଆସିଥିଲେ। ସ୍ଥାନୀୟ ସିଟି ସ୍କାନ ନିକଟରେ ହିରୋହଣ୍ଡା ସ୍ପ୍ଲେଣ୍ଡର ପ୍ଲସ ବାଇକ (ଓଆର ୧୦ଜି ୬୨୮୯) ରଖି ମେଡିକାଲକୁ ଯାଇଥିବାବେଳେ ଦୁର୍ବୃତ୍ତମାନେ ତାହାକୁ ଚୋରିକରି ନେଇଯାଇଥିଲେ। ଏନେଇ ସେ ଟାଉନ ଥାନାରେ ଏତଲା ଦେଇଛନ୍ତି।

# ବିଦାୟୀ ଜିଲାପାଳଙ୍କୁ ସମ୍ବର୍ଦ୍ଧନା

କୋରାପୁଟ,୧୨।୭(ସ୍ୱ.ପ୍ର.)

କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଗୁରୁବାର ବିଭିନ୍ନ ଅନୁଷ୍ଠାନ ଓ ସରକାରୀ ଅଧିକାରୀ, କର୍ମଚାରୀଙ୍କ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କୋରାପୁଟ ପୌର ପରିଷଦ ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଜିଲାପାଳଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଟପାଡ଼ ଏନ୍‌ଏସିର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ, କୋରାପୁଟ ପୌରସଂସ୍ଥା ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରମେଶ ମହାରଣା, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ସିଇଓ ରଶ୍ମିତା ଦାସ, ଦୁର୍ଗାପ୍ରସାଦ ସାହୁ, ଅଶୋକ ସାହା, ସୀମା ପଢ଼ିହାରୀ ଉପସ୍ଥିତ ଥିଲେ। ସେହିପରି ଗୁରୁବାର ରାତିରେ ସ୍ଥାନୀୟ ଦକ୍ଷତା ବୃଦ୍ଧି କେନ୍ଦ୍ରରେ ଆୟୋଜିତ ବିଦାୟୀ ସମ୍ବର୍ଦ୍ଧନା ସଭାରେ ଜିଲାର ସମସ୍ତ ପଦସ୍ଥ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ।

# ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ବନ ମହୋତ୍ସବ

କୋରାପୁଟ,୧୨।୭(ସ୍ୱ.ପ୍ର.)

କୋରାପୁଟସ୍ଥିତ ଏସ୍‌ଓଜି ଟ୍ରେନିଂ ସେଣ୍ଟର ପରିସରରେ ଶୁକ୍ରବାର ୭୦ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଛି। କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ କୋରାପୁଟ ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପି., ଏସ୍‌ଓଜିର ସହକାରୀ ଦୁର୍ଗପତି ନିରଦ ପଲେଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଏସ୍‌ଓଜି ଯବାନ ୧୦୦ ଚନ୍ଦନ, ୭୦୦ରୁ ଊର୍ଦ୍ଧ୍ୱ ଚମ୍ପା, ମହିଶୁର କୁଇନ, ପାଟୁଳି, ସିଲଭର ଓକ୍, ରାଧାଚୂଡ଼ା ଭଳି ଚାରା ରୋପଣ କରିଥିଲେ। କୋରାପୁଟ ରେଞ୍ଜ ଅଧିକାରୀ ସୁବାସ ଚନ୍ଦ୍ର ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କୋରାପୁଟ ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ଆୟୋଜିତ ବନ ମହୋତ୍ସବରେ ଜିଲାପାଳଙ୍କ ସହ ଯବାନମାନେ ଚାରା ଲଗାଉଛନ୍ତି।


ପଦ୍ମପୁରରେ ବଳଭଦ୍ରଙ୍କୁ ପହଣ୍ଡି କରି ରଥକୁ ନିଆଯାଉଛି।


ମୁନିଗୁଡ଼ାରେ ଜଗନ୍ନାଥଙ୍କୁ ପହଣ୍ଡି କରି ନିଆଯାଉଛି।


ଶ୍ରଦ୍ଧା ଶ୍ରୀକ୍ଷେତ୍ର ରାୟଗଡ଼ାରେ ବଳଭଦ୍ରଙ୍କ ପହଣ୍ଡି ବିଜେ।

■ ସରିଲା ଗୁଣ୍ଡିଚା ରହଣି

# ଘରକୁ ଫେରିଲେ ମହାପ୍ରଭୁ


ରାୟଗଡ଼ାରେ ରଥ ଟାଣିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼।

ରାୟଗଡା ଅଫିସ୍, ୧୨ ।୭

ଗୁଣ୍ଡିଚା ମନ୍ଦିରରେ ୯ ଦିନ ରହଣୀ ସରିଲା। ଏବେ ଭାଇ, ଭଉଣୀଙ୍କୁ ଧରି ପ୍ରଭୁ ଜଗନ୍ନାଥ ଶୁକ୍ରବାର ଘରକୁ ବାହୁଡିଛନ୍ତି। ବାହୁଡ଼ା ରଥରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି ମହାପ୍ରଭୁ ବଳଭଦ୍ର, ଜଗନ୍ନାଥ ଓ ଦେବୀ ସୁଭଦ୍ରା। ଶୁକ୍ରବାର ଶ୍ରଦ୍ଧା ଶ୍ରୀକ୍ଷେତ୍ର ରାୟଗଡ଼ାସ୍ଥିତ ଗୁଣ୍ଡିଚା ମନ୍ଦିରରେ ସକାଳୁ ତିନିଠାକୁରଙ୍କ ସମସ୍ତ ରୀତିନୀତି ଆରମ୍ଭ ହୋଇଥିଲା। ମଙ୍ଗଳ ଆଳତୀ, ପହିଲି ଭୋଗ କରାଯାଇଥିଲା। ପରେ ଠାକୁରମାନଙ୍କୁ ପହଣ୍ଡି ପାଇଁ ପ୍ରସ୍ତୁତ କରାଯାଇଥିଲା। ବ୍ରାହ୍ମଣ ସାହିସ୍ଥିତ ସ୍ୱେଚ୍ଛାସେବୀ ଯୁବକ ସଂଘ ପକ୍ଷରୁ ଦିଆଯାଇଥିବା ଟାହିଆକୁ ଠାକୁରମାନଙ୍କୁ ଲଗାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ପ୍ରକାରେ ମଧ୍ୟାହ୍ନ ୧.୩୦ରେ ତିନି ଠାକୁରଙ୍କୁ ପହଣ୍ଡି କରି ରଥରେ ବିଜେ କରାଯାଇଥିଲା। ଅପରାହ୍ନ ୪ଟାରେ ରାଜ ପୁରୋହିତ ବାଲୁଙ୍କେଶ୍ୱର ଦାଶ ରଥରେ ଛେରାପହଁରା କରିଥିଲେ। ସନ୍ଧ୍ୟା ୫ଟାରୁ ରଥଟଣା ଆରମ୍ଭ ହୋଇଥିଲା। ଗୋଟିଏ ପାର୍ଶ୍ୱରେ ପୁରୁଷ ଓ ଅନ୍ୟପାର୍ଶ୍ୱରେ ମହିଳାମାନେ ରଥକୁ ଟାଣିଥିଲେ। ତେବେ ରଥଟଣା ଆରମ୍ଭ ସମୟରେ ବର୍ଷା ହେବାରୁ କିଛି ସମୟ ପ୍ରଭାବିତ ହୋଇଥିଲା । ଜିଲାପାଳ ପ୍ରମୋଦ କୁମାର ବେହେରା, ଏସ୍‌ପି ଡ. ଶର୍ବଣା ବିବେକ ଏମ୍, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଶ୍ରଦ୍ଧାଳୁମାନଙ୍କ ସହ ମିଶି ରଥ ଟାଣିଥିଲେ। ରାୟଗଡା ଖଡୁରା ସମାଜର ଘଣ୍ଟ, ବାଙ୍କଚାହାଣି ସଂକୀର୍ତ୍ତନ ମଣ୍ଡଳୀ ଓ ଖେତାନାଞ୍ଜିତୋଟାସ୍ଥିତ ଶ୍ରୀକୃଷ୍ଣ ବିଜ୍ଞାନ ମହିଳା ସତ୍‌ସଂଘର ସଦସ୍ୟମାନେ ହରିନାମ ସଂକୀର୍ତ୍ତନ କରିଥିଲେ। ସନ୍ଧ୍ୟା ୬.୩୦ମିନିଟ୍‌ରେ ରଥ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମେତ ପଡୋଶୀ ଆନ୍ଧ୍ରରୁ ମଧ୍ୟ ବହୁ ଭକ୍ତ ବାହୁଡ଼ା ଯାତ୍ରାରେ ସାମିଲ ହୋଇଥିଲେ। ଆଦିବାସୀମାନେ ପହଣ୍ଡି ବେଳେ ଶବର ପରମ୍ପରା ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ୱାଗତ କରିଥିଲେ। ସେହିଭଳି ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନ୍ ପକ୍ଷରୁ ମଧ୍ୟ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଛି। ଇନ୍ଦିରାନଗର, ଗାନ୍ଧୀନଗର, କସ୍ତୁରୀନଗର ଅଞ୍ଚଳର ଶ୍ରଦ୍ଧାଳୁ ଓ ସିଆର୍‌ପିଏଫ୍ ଯବାନମାନେ ଉକ୍ତ ରଥକୁ ଟାଣିଥିଲେ। ରାୟଗଡ଼ା ସହର ସମେତ ପାଇକପଡା, ଜେକେପୁର, କାଶୀପୁର, ଭିତରପଦାମାଝି, ଅମ୍ଳାଭଟ୍ଟା, କଲ୍ୟାଣସିଂହପୁର, ଅଣ୍ଡାମଡା ଆଦି ସ୍ଥାନରେ ଶାନ୍ତିଶୃଙ୍ଖଳାର ସହ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଛି। ଶନିବାର ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହେବ।

# ବାହୁଡ଼ା ରଥରେ ତିନିଠାକୁର

ମୁନିଗୁଡ଼ା/ଚନ୍ଦ୍ରପୁର/ ପଦ୍ମପୁର/ଜେକେପୁର/ ଦୁର୍ଗୀ/ଟିକିରି, ୧୨ ।୭(ଡି.ଏନ୍.ଏ.)

ମୁନିଗୁଡ଼ାରେ ବାହୁଡ଼ା ଯାତ୍ରା ପାଳିତ ହୋଇଛି। ଠାକୁରମାନଙ୍କ ସୂର୍ଯ୍ୟପୂଜା, ଅବକାଶ, ମଇଲମ, ସ୍ନାନ ଓ ମଙ୍ଗଳ ଆଳତି କରାଯାଇଥିଲା। ଖୋରୁଡା ସମାଜ ସଦସ୍ୟମାନଙ୍କ ଘଣ୍ଟବାଦ୍ୟର ତାଳେତାଳେ ଠାକୁରମାନଙ୍କ ଧାଡ଼ି ପହଣ୍ଡି କରାଯାଇଥିଲା। ପୁରୋହିତ ଶ୍ୟାମସୁନ୍ଦର ଦାସ ରଥ ପୂଜା କରିଥିଲେ। ନରୋତ୍ତମ ଦାସ ଛେରାପହଁରା କରିଥିଲେ। ପରେ ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ। ସନ୍ଧ୍ୟାରେ ଆଳତୀ ଓ ପୋଡ଼ପିଠା ଭୋଗ ହୋଇଥିଲା। ମୁନିଗୁଡ଼ା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା ଓ ଥାନା ଆଇଆଇସି ରାଜେନ୍ଦ୍ର କୁମାର ଦେହୁରୀଙ୍କ ମିଳିତ ନେତୃତ୍ୱରେ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା। ମୁନିଗୁଡ଼ାସ୍ଥିତ ୮ମ ବାଟାଲିୟନ ସିଆରପିଏଫ୍ ଯବାନଙ୍କ ପକ୍ଷରୁ ବାହୁଡ଼ା ଯାତ୍ରା କରଯାଇଛି। ବାଟାଲିୟନ କମାଣ୍ଡାଣ୍ଟ ଏନ୍.କେ. ସିଂ ଛେରାପହଁରା କରିଥିଲେ।

ଚନ୍ଦ୍ରପୁର ସଦରମହକୁମାରେ ତିନିଠାକୁରଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଯାତ୍ରା ଦେଖିବାକୁ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସିଆର୍‌ପିଏଫ୍ ଯବାନମାନେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ। ସେହିଭଳି ହନୁମନ୍ତପୁର ପଞ୍ଚାୟତ ପଟ୍ଟାଲିଗୁଡ଼ିରେ ଶବର ସମ୍ପ୍ରଦାୟ ପକ୍ଷରୁ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ଦ୍ରୋଣ ଶବର ଛେରା ପହଁରା କରିଥିଲେ। କରୁଣାପର ପାତ୍ର ମୁଖ୍ୟ ପୂଜକ ଦାୟିତ୍ୱ ତୁଲାଇଥିଲେ। ହନୁମନ୍ତପୁର ସରପଞ୍ଚ କାଉମୁନି ଓ ଶୁଶିଲ କୁମାର ନିମାଲ ପୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ପଦ୍ମପୁରସ୍ଥିତ ଜଗନ୍ନାଥ ମନ୍ଦିର ଓ ଗୁମୁଡାର ପାବନ ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା ପାଳିତ ହୋଇଛି। ପଦ୍ମପୁର ବଡ଼ସାହିସ୍ଥିତ ମାଉସୀ ମା' ମନ୍ଦିରରୁ ଶୁକ୍ରବାର ଅପରାହ୍ନରେ ଠାକୁରଙ୍କୁ ରଥ ଉପରକୁ ଅଣା ଯାଇଥିଲା। ପରମ୍ପରା ଅନୁଯାୟୀ ଗୁଣପୁର ଗଡ଼ଜାତ ରାଜଙ୍କ ଉତ୍ତରାଧିକାରୀଭାବେ ବାହୁବଳେନ୍ଦ୍ର ଯଶୋବନ୍ତ ନାରାୟଣ ଦେବ ରଥରେ ଛେରାପହଁରା କରିଥିଲେ। ଗୁମୁଡ଼ାରେ ମଧ୍ୟ ଅନୁରୂପଭାବେ ବାହୁଡ଼ା ଯାତ୍ରା ପାଳିତ ହୋଇଛି। ଏଠାରେ ରାଧାକୃଷ୍ଣ ପାଣିଗ୍ରାହୀ ଛେରାପହଁରା କରିଥିଲେ।

ଜେକେପୁରରେ ଅନୁଷ୍ଠିତ ବାହୁଡା ଯାତ୍ରାରେ ଜେକେ ପେପର ମିଲ ନିର୍ମାଣ ବିଭାଗର ଉପସଭାପତି ବିନୟ ଦ୍ୱିବେଦୀ ରଥରେ ଛେରାପହଁରା କରିଥିଲେ। ଝିପିଝିପି ବର୍ଷାରେ ଭକ୍ତମାନେ ରଥ ଟାଣି ଥିଲେ। ଚାନ୍ଦିଲି ଥାନା ଆଇଆଇସି କ୍ଷୀରଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ରାୟଗଡା ଜିଲା ପରିଷଦ ସଭ୍ୟ ପି. ଗୌରୀଶଙ୍କର ରାଓ, ଜେକେପେପର ମୁଖ୍ୟ ମହାପ୍ରବନ୍ଧକ ସନ୍ଦିପ ପାଣ୍ଡେ ପ୍ରମୁଖ ଯୋଗଦେଇଥିଲେ।

ଦୁର୍ଗୀରେ ମୁଖ୍ୟ ପଣ୍ଡା ଗୌରୀ ଶଙ୍କର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ମାଉସୀ ମା' ମନ୍ଦିର ନିକଟରେ ଠାକୁରଙ୍କ ପାଖରେ ପୋଡପିଠା ଭୋଗ ହୋଇଥିଲା। ପରେ ସନ୍ଧ୍ୟା ଅଳତୀ କରାଯାଇଥିଲା।

କାଶୀପୁରର ବିଭିନ୍ନସ୍ଥାନରେ ଶାନ୍ତି ଶୃଙ୍ଖଳାର ସହ ବାହୁଡ଼ା ଯାତ୍ରା ଶେଷ ହୋଇଛି।


ଦୁର୍ଗୀରେ ରଥାରୂଢ଼ ତିନିଠାକୁର।


ଟିକିରିରେ ଠାକୁରମାନଙ୍କ ବାହୁଡ଼ାରଥ।


ଜେକେପୁରରେ ବିନୟ ଦ୍ୱିବେଦୀ ରଥ ଉପରେ ଛେରାପହଁରା କରୁଛନ୍ତି।


ଗୁଣପୁର ମାଉସୀ ମା' ମନ୍ଦିର ନିକଟରେ ବଡ଼ ରଥ।

# ମାଉସୀ ମା' ମନ୍ଦିର ନିକଟରେ ଅଟକିଲା ଦୁଇରଥ

■ ଆଜି ପୁଣି ରଥଟଣା, ସନ୍ଧ୍ୟାରେ ସୁନାବେଶ

ଗୁଣପୁର,୧୨ ।୭(ଡି.ଏନ୍.ଏ.)

ଶୁକ୍ରବାର ଗୁଣପୁରଠାରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଛି। ଏକାଦଶୀ ପାଇଁ ଠାକୁରମାନଙ୍କ ସମସ୍ତ ନୀତି ବିଳମ୍ବ ହୋଇଥିଲା। ପହଣ୍ଡି ପରେ ସାଢେ ୪ଟାରେ ରଥ ଟଣା ହୋଇଥିଲା। ବଡରଥ ଟଣା ସମୟରେ ଅନେକ ଥର ବିଭ୍ରାଟ ହୋଇଥିଲା। ନୂତନ ପିଚୁ ରାସ୍ତାରେ ଭାରସାମ୍ୟ ହରାଇ ରଥ ଏପଟ ସେପଟ ହୋଇଥିଲା। ଚକା ଜାମ ହୋଇଯିବାରୁ ବଡରଥକୁ ମାଉସୀ ମା' ମନ୍ଦିର ନିକଟରେ ରହିବାକୁ ପଡିଥିଲା। ମରାମତି ହୋଇ ନ ପାରିବାରୁ ରଥଟଣା ଆଗକୁ ବଢି ନ ଥିଲା। ବଡ ରଥ ମାଉସୀ ମା' ମନ୍ଦିର ନିକଟରେ ରହିବା ପରେ ସାନ ରଥ ଟଣା ହୋଇଥିଲା। ବଡ ରଥ ମନ୍ଦିର ନିକଟରେ ପହଞ୍ଚି ନ ଥିବାରୁ ସାନ ରଥକୁ ମହିଳାମାନେ ଟାଣି ଆଣି ମାଉସୀ ମା' ମନ୍ଦିର ନିକଟରେ ରଖିଥିଲେ। ଶନିବାର ସକାଳୁ ପୁଣି ରଥ ଟଣା ଆରମ୍ଭ ହେବ। ସନ୍ଧ୍ୟା ସମୟରେ ଦୁଇ ରଥରେ ଶ୍ରୀଜୀଉଙ୍କ ସୁନା ବେଶ କରାଯିବ। ରବିବାର ସନ୍ଧ୍ୟାରେ ଅଧର ପଣା ଲାଗି କରାଯିବା ପରେ ରତ୍ନବଦୀକୁ ଠାକୁରମାନଙ୍କୁ ପହଣ୍ଡି କରି ନିଆଯିବ। କେବଳ ରଥଟଣାରେ ନୁହେଁ ଟ୍ରାଫିକ୍ ପରିଚାଳନାରେ ମଧ୍ୟ ବ୍ୟାପକ ବ୍ରତିକ୍ରମ ହୋଇଥିଲା। ବିପର୍ଯ୍ୟସ୍ଥ ଟ୍ରାଫିକ୍ ବ୍ୟବସ୍ଥା ଯୋଗୁ ଲୋକେ ଅନେକ ସମୟ ଧରି ଟ୍ରାଫିକରେ ଅଟକି ରହିଥିଲେ। ଯାତ୍ରାବେଳେ କେବଳ ତହସିଲଦାର ନମ୍ରଦା ମୋଦୀ ହିଁ ଉପସ୍ଥିତ ଥିଲେ।

■ ଭାକୁରଗୁଡ଼ା ଆଶ୍ରମ ବିଦ୍ୟାଳୟର ନୂତନ ମନ୍ତ୍ରିମଣ୍ଡଳ

# ଅଷ୍ଟମ ଶ୍ରେଣୀର ରଚନା ମୁଖ୍ୟମନ୍ତ୍ରୀ

ରାୟଗଡା ଅଫିସ୍, ୧୨ ।୭

ରାୟଗଡା ଜିଲା ଭାକୁରଗୁଡା ଆଶ୍ରମ ବିଦ୍ୟାଳୟରେ ସ୍କୁଲ ମନ୍ତ୍ରିମଣ୍ଡଳ ନିର୍ବାଚନ କରାଯାଇଛି । ୭ ପଦବୀ ଲାଗି ୩୫ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଯାଞ୍ଚ ପରେ ସମସ୍ତଙ୍କର ପ୍ରାର୍ଥୀପତ୍ର କାଏମ ରହିଥିଲା। ନିର୍ବାଚନ ପୂର୍ବରୁ ପ୍ରାର୍ଥୀମାନେ ବିଦ୍ୟାଳୟ ପରିସରରେ ଆୟୋଜିତ ମୁଁ କାହିଁକି ପ୍ରତିଦ୍ୱନ୍ଦିତା କରୁଛି ସଭାରେ ନିଜର ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ଗଗନ ଚନ୍ଦ୍ର ସାହୁ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ। ଭୋଟ ଗଣତି ପରେ ଚଳିତ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଅଷ୍ଟମ ଶ୍ରେଣୀର ରଚନା ହୁଇକା, ଉପମୁଖ୍ୟମନ୍ତ୍ରୀ ଭାବେ ଆନନ୍ଦ କଣ୍ଡାଗରୀ, ଶିକ୍ଷାମନ୍ତ୍ରୀ ଭାବେ ସଞ୍ଜନା କାଡ୍ରାକା ଓ ଉପଶିକ୍ଷା ମନ୍ତ୍ରୀ ଭାବେ ସଞ୍ଜୟ ପ୍ରାସ୍କା ନିର୍ବାଚିତ ହୋଇଥିଲେ। ସ୍ୱାସ୍ଥ୍ୟ ଓ ପରିମଳ ମନ୍ତ୍ରୀ ଭାବେ ଅମିତା ପ୍ରାସ୍କା, ଉପସ୍ୱାସ୍ଥ୍ୟ ମନ୍ତ୍ରୀ ଭାବେ ପୁରୁଷୋତ୍ତମ କଣ୍ଡାଗରୀ ନିର୍ବାଚିତ ହୋଇଛନ୍ତି। ପାବନୀ ହିମିରିକା କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ, ଟିଣ୍ଟୁ ପାତିକା ଉପକ୍ରୀଡା ଓ ସଂସ୍କୃତି ମନ୍ତ୍ରୀ, ଆରତି ହିମିରିକା ଖାଦ୍ୟମନ୍ତ୍ରୀ, ଜିତେନ୍ଦ୍ର ମେଲେକା ଉପଖାଦ୍ୟ ମନ୍ତ୍ରୀ, ପବିତ୍ରା ବାଡ୍ରେୟା ପରିବେଶ ମନ୍ତ୍ରୀ, ରାଜୁ ପ୍ରାସ୍କା ଉପପରିବେଶ ମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଭାବେ ମାନସୀ ହିମିରିକା ଓ ଉପସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଭାବେ ସଞ୍ଜୟ ମିଣିଆକା ନିର୍ବାଚିତ ହୋଇଛନ୍ତି। ଶପଥ ପାଠ ପରେ ମନ୍ତ୍ରିମଣ୍ଡଳ ବିଧିବଦ୍ଧ ଭାବେ କାର୍ଯ୍ୟ କରିବ ବୋଲି ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ କହିଛନ୍ତି।

# ଥାନା, ସ୍କୁଲ ପରିସରରେ ଚାରାରୋପଣ

ଗୁଣପୁର,୧୨ ।୭(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ଆଦର୍ଶ ଥାନା ପରିସରରେ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେହିଭଳି ମରାଠିଗୁଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଚାରାରୋପଣ କରାଯାଇଛି। ଏସ୍‌ଡିପିଓ ରାଜକିଶୋର ଦାସ, ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ, ରେଞ୍ଜର ଅଶୋକ ପ୍ରଧାନ, ଶିକ୍ଷକ ନୀଳାଞ୍ଚଳ ମିଶ୍ରଙ୍କ ସମେତ ପୋଲିସ, ବନ ବିଭାଗ କର୍ମଚାରୀ ଏବଂ ସ୍କୁଲର ପିଲାମାନେ ଉପସ୍ଥିତ ଥିଲେ।


ମନ୍ଦିର ପାଇଁ ଶୁଭ ଦିଆଯାଇଛି।

# ନୂତନ ଗୁଣ୍ଡିଚା ମନ୍ଦିର ପାଇଁ ଶୁଭ

ରାୟଗଡା ଅଫିସ୍, ୧୨ ।୭

ପବିତ୍ର ବାହୁଡାଯାତ୍ରା ଅବସରରେ ଶୁକ୍ରବାର ରାୟଗଡାସ୍ଥିତ ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ନୂତନ ଗୁଣ୍ଡିଚା ମନ୍ଦିର ପାଇଁ ଶୁଭ ଦିଆଯାଇଛି। ସାରଳା ଛକସ୍ଥିତ ଏକ ଖାଲି ସ୍ଥାନରେ ନୂତନ ମନ୍ଦିର ନିର୍ମାଣର ପରିକଳ୍ପନା କରାଯାଇ ଶୁଭ ପ୍ରଦାନ ହୋଇଛି । ମାହେନ୍ଦ୍ର ବେଳାରେ ରାଜ ପୁରୋହିତ ବାଲୁଙ୍କେଶ୍ୱର ଦାସ ବୈଦିକ ରୀତିନୀତିରେ ପୂଜା କରି ଶୁଭ ପକାଇଥିଲେ। ସମସ୍ତ ଶ୍ରଦ୍ଧାଳୁଙ୍କ ଉପସ୍ଥିତ ଥିଲେ। ଖୁବଶୀଘ୍ର ନୂତନ ମନ୍ଦିର ନିର୍ମାଣ ଆରମ୍ଭ ହେବ। ବର୍ତ୍ତମାନର ଗୁଣ୍ଡିଚା ମନ୍ଦିର ଥିବା ସ୍ଥାନ ସର୍ବଦା ଗହଳି ହେଉଥିବାରୁ ନୂତନ ମନ୍ଦିର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ମନ୍ଦିର ଶୁଭ ପ୍ରଦାନ ସମୟରେ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

■ ମା' ବନଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ

# ଟିମ୍ ପିତାମହଲ ଚାମ୍ପିୟନ

ରାୟଗଡା ଅଫିସ୍, ୧୨ ।୭

ରାୟଗଡା ସହର ଉପକଣ୍ଠସ୍ଥ ପିତାମହଲରେ ୨ତାରିଖରୁ ଆରମ୍ଭ ହୋଇଥିବା ମା' ବନଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିତାମହଲ ଓ କନ୍ଧଖିଲମ ଟିମ୍ ପରସ୍ପରକୁ ଭେଟିଥିଲେ। ବର୍ଷା ଯୋଗୁ ମ୍ୟାଚକୁ ୧୨ରୁ ୬ଓଭର କରାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ପିତାମହଲ ଦଳ ୪୮ରନ କରିଥିଲା। ଜବାବରେ କନ୍ଧଖିଲମ ଦଳ ୪୪ରନ କରିଥିଲା। ବିଜୟୀ ଦଳକୁ ଟ୍ରଫି ସହ ୮ହଜାର ଓ ରନର୍ସଅପ ଦଳକୁ ଟ୍ରଫି ସହ ୫ହଜାର ଟଙ୍କା ଦିଆଯାଇଛି। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପିତାମହଲ ଦଳର ରାଜେଶ ପୂଜାରୀଙ୍କୁ ପୁରସ୍କୃତ କରାଯାଇଛି। କନ୍ଧଖିଲମ ଦଳର ବସନ୍ତ ପାଲକାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ମିଳିଛି। ମଣ୍ଟୁ ଓ ଶ୍ରୀନୁ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଉମେଶ ସ୍କୋରର ଭାବେ ଉପସ୍ଥିତ ଥିଲେ।


ଚାମ୍ପିୟନ ଟ୍ରଫି ସହ ବିଜୟୀ ଦଳର ଖେଳାଳିମାନେ।

# ଶ୍ରୀମନ୍ଦିରକୁ ବାହୁଡିଲେ ମହାପ୍ରଭୁ

ମାଲକାନଗିରି/ଏମଭି–୭୯,୧୨।୭(ଡି.ଏନ.ଏ.)

ନବଦିନାତ୍ମକ ଯାତ୍ରା ସାରି ଶୁକ୍ରବାର ବାହାଡାରେ ଶ୍ରୀମନ୍ଦିରକୁ ବାହୁଡିଛନ୍ତି ମହାପ୍ରଭୁ। ଜିଲା ସଦର ମହକୁମାଠାରେ ସକାଳୁ ଶ୍ରୀଜୀଉଙ୍କ ନୀତିକାନ୍ତି ଶେଷ ହେବା ପରେ ଅପରାହ୍ନରେ ତିନିଠାକୁରଙ୍କ ପହଣ୍ଡି ବିଜେ ହୋଇଥିଲା । ପରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ରଥରେ ଛେରାପହଁରା କରିଥିଲେ। ଅପରାହ୍ନରେ ରଥଟଣା ଆରମ୍ଭ ହୋଇ ସିଂହଦ୍ୱାର ନିକଟରେ ପହଞ୍ଚିଥିଲା। ବାହୁଡା ଯାତ୍ରା ଦେଖିବାକୁ ସୀମାନ୍ତ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସମସ୍ତେ ରଥ ଟାଣିବା ସହ ବିଗ୍ରହଙ୍କ ଦର୍ଶନ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଜିଲା ପ୍ରଶାସନ ପକ୍ଷରୁ ପାନୀୟ ଜଳ ଓ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଦଳକୁ ନିୟୋଜିତ କରାଯାଇଥିଲା । ଜିଲ୍ଲାର ଗୋବିନ୍ଦପାଲ୍ଲୀ ସମେତ ବିଭିନ୍ନ ବ୍ଲକ ସଦର ମହକୁମା ଓ ସହରରେ ମଧ


ମାଲକାନଗିରିରେ ମନ୍ଦିରକୁ ବାହୁଡୁଛନ୍ତି ମହାବାହୁ ।


ଗୋବିନ୍ଦପାଲ୍ଲୀରେ ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି ।

ବାହୁଡ଼ାଯାତ୍ରା ପାଳିତ ହୋଇଛି । ସଦର ମହକୁମାଠାରେ ଡିଏଫଓ ପ୍ରଦୀପ ଦେବୀଦାସ ମିରାଶେ, ଉପ ଜିଲାପାଳ ରାମେଶ୍ୱର ପ୍ରଧାନ, ବିଡିଓ ତଥା ତହସିଲଦାର ଡ.ଗୁଣନିଧି ନାୟକ, ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ଏହି ସମୟରେ ଉପସ୍ଥିତ ଥିଲେ।

ଏମଭି– ୭୯ଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁସାରେ ସକାଳୁ ପୂଜାର୍ଚ୍ଚନା ପରେ ୩ଠାକୁରଙ୍କୁ ମାଉସୀ ମା’ ମନ୍ଦିରରୁ ରଥକୁ ଅଣାଯାଇଥିଲା। ଅନ୍ୟାନ୍ୟ ନୀତି ବଢି ଅପରାହ୍ନ ୪ଟାରେ ରଥଟଣା ହୋଇଥିଲା। ଏହି ଅବସରରେ ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ପ୍ରବଳ ଜନସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଶ୍ରଦ୍ଧାଳୁଙ୍କୁ ପ୍ରାଣକୃଷ୍ଣ ଓ ତାଙ୍କ ପତ୍ନୀ ଲକ୍ଷ୍ମୀରାଣୀ ଖେଚୁଡି ପ୍ରସାଦ ବଣ୍ଟନ କରିଥିଲେ। ଏମଭି–୭୯ ଅଞ୍ଚଳର ବହୁ ବ୍ୟକ୍ତି ସହାୟତା କରିଥିଲେ।

# ଆମ୍ବଚାଷ ଦେଇଛି ରୋଜଗାର

ମାଲକାନଗିରି,୧୨।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଶତାଧିକ ଆଦିବାସୀ ଚାଷୀ ଆମ୍ବଚାଷ କରି ଉପକୃତ ହୋଇଛନ୍ତି। ଯେଉଁ ଜମି ପୂର୍ବରୁ ପଡିଆ ପଡୁଥିଲା ଏବେ ସେଠାରେ ସୁଆଦିଆ ଆମ୍ବ ଫଳାଇବାରେ ସେମାନେ ସଫଳ ହୋଇଛନ୍ତି। ମାଲକାନଗିରି ଜିଲା ସିଆଡିମାଳ ଗ୍ରାମର ବ୍ରଜେନ କିସଙ୍କ ଆମ୍ବ ବଗିଚା। ପାଚିଲା ଆମ୍ବରେ ଗଛଭର୍ତ୍ତି । ପୂର୍ବରୁ ଏହି ଜମି ପଡିଆ ରହୁଥିଲା। ୨୦୦୭ରେ ନାବାର୍ଡ ୱାଡି ପ୍ରକଳ୍ପ ଜରିଆରେ ୩ ଏକର ଜମିରେ ଆମ୍ବ ଓ କାଜୁ ରୋପଣ କରିଥିଲେ ବ୍ରଜେନ୍ । ୨୦୧୪ରୁ ପ୍ରତିବର୍ଷ ପ୍ରାୟ ୧୦୦ କୁଇଣ୍ଟାଲ ଆମ୍ବ ଅମଳ କରିଆସୁଛନ୍ତି ବ୍ରଜେନଙ୍କ ପରିବାର । ଚଳିତବର୍ଷ


ଜଣେ ଚାଷୀ ଆମ୍ବ ବିକ୍ରୟ କରୁଛନ୍ତି ।

ଅପେକ୍ଷାକୃତ କମ୍ ଅମଳ ହୋଇଥିଲେ ହେଁ ଆମ୍ରପଲ୍ଲି, ମଲ୍ଲିକା, ଆଖୁରସ, ଦୋସେରା ଓ ବାଇଗଣପଲ୍ଲି କିସମର ଉନ୍ନତ ମାନର ଆମ୍ବ ଅମଳ କରିଛନ୍ତି ସେ। ନିଜ ବାଡ଼ିରୁ କିଲୋ ପିଛା ୨୦ରୁ ୩୦ ଟଙ୍କା ବିକ୍ରି କରୁଛନ୍ତି। । ଏଭଳି ଜିଲ୍ଲାର ଅନେକ ପରିବାର ନାବାର୍ଡ ସହାୟତାରେ ଆମ୍ବ ଚାଷ କରି ରୋଜଗାରକ୍ଷମ ହୋଇପାରିଛନ୍ତି। ୨୦୦୭ରେ ନାବାର୍ଡ ଜରିଆରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା । ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକର ୨ଟି ପଞ୍ଚାୟତର ୧୫ ଗ୍ରାମର ପ୍ରାୟ ୧ ହଜାର ଚାଷୀଙ୍କୁ ନେଇ ପରୀକ୍ଷାମୂଳକ ଭାବେ ଏହି ପ୍ରକଳ୍ପ ଆରମ୍ଭ କରିଥିଲା ନାବାର୍ଡ । ମାଲକାନଗିରି ସଦର ମହକୁମାରେ ଏକ ଷ୍ଟଲ ଖୋଲି ଆମ୍ବ ବିକ୍ରୟ ପାଇଁ ଚାଷୀଙ୍କ ଲାଗି ବ୍ୟବସ୍ଥା କରାଯାଇଛି। ଏଥିସହ ଭୁବନେଶ୍ୱର ବଜାରକୁ ଆମ୍ବ ପଠାଇ ବିକ୍ରି ବ୍ୟବସ୍ଥା କରାଯାଉଛି । ଆଦିବାସୀ ଅଞ୍ଚଳରେ ଆମ୍ବଚାଷ ଆଦିବାସୀଙ୍କ ଜୀବନଧାରାକୁ ବଦଳାଇ ଦେଇଛି। ସେମାନେ ଆମ୍ବଚାଷ କରି ରୋଜଗାରକ୍ଷମ ହୋଇପାରୁଛନ୍ତି। ଏହି ଚାଷ ସେମାନଙ୍କୁ ଆର୍ଥିକ ସ୍ୱଚ୍ଛଳତା ଦେଇଛି।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

ଚିତ୍ରକୋଣ୍ଡା,୧୨।୭(ଡି.ଏନ.ଏ.)- ସ୍ୱାଭିମାନ ଅଞ୍ଚଳର ବଡ଼ପଡା ପଞ୍ଚାୟତ ଅନ୍ତର୍ଭୁକ୍ତ ଗୁରୁପ୍ରିୟା ସେତୁ ଉପରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାମ ବିରୁସ ଗଲରି (୨୮)। ଜନ୍ତାପାଇ ନିକଟସ୍ଥ କୋଟପାଲି ଗ୍ରାମର ବୀରସୁ କୌଣସି କାମରେ ସ୍ୱାଭିମାନ ଅଞ୍ଚଳକୁ ଯାଇଥିଲେ। ବେପରୁଆ ଗାଡିଚାଳନା କରି ସେ ଗୁରୁପ୍ରିୟା ସେତୁର ଗାଡ଼ୱାଲକୁ ଧକ୍କା ଦେଇ ଛିଟିକି ପଡିଥିଲେ। ନିକଟରେ ଥିବା ବିଏସଏଫ କ୍ୟାମ୍ପର ଯବାନମାନେ ତାଙ୍କୁ ଉଦ୍ଧାର କରି ଜାନବାଇଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରି ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ବୀରସୁ ଏବେ ଚିକିତ୍ସାଧୀନ ଅଛନ୍ତି। ଘଟଣାକୁ ନେଇ ପାପରମେଟଲା ଅଧିକାରୀ ମାଧବ ବେହେରା ଓ ଚିତ୍ରକୋଣ୍ଡା ଥାନା ଅଧିକାରୀ ରାମ ପ୍ରସାଦ ନାଗ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସୂଚନାଯୋଗ୍ୟ ଯେ, ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ପରଠାରୁ ସେତୁ ଉପରେ ଏହା ପ୍ରଥମ ଦୁଘଟଣା ବୋଲି କୁହାଯାଉଛି।

### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

କୁଡୁମୁଲୁଗୁମ୍ମା, ୧୨।୭(ଡି.ଏନ.ଏ.)- କୁଡୁମୁଲୁଗୁମ୍ମାର ପୂର୍ବତନ ବ୍ଲକ ଅଧକ୍ଷ ତଥା ସମାଜସେବୀ ଅର୍ଜୁନ ସାହାଣୀଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁଖବର ଶୁଣି ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ ପାଇଁ ବାସଭବନରେ ପହଞ୍ଚିଥିଲେ। ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମୀ, ମାଲକାନଗିରି ପୂର୍ବତନ ଅଧକ୍ଷ ଗଙ୍ଗାଧର ବୁରୁଦା, କୋରକୋଣ୍ଡା ସରପଞ୍ଚ ବଂଶୀଧର ମୁଦୁଲି, ଲକ୍ଷ୍ମୀପ୍ରିୟା ନାୟକ, ଭାଜପା ନେତା ପଦୁ ମାଝିଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ସମ୍ମାନାର୍ଥେ ଶୁକ୍ରବାର କୁଡୁମୁଲୁଗୁମ୍ମା ବଜାର ବନ୍ଦ ରହିଥିଲା।

■ ଅପପୁଷ୍ଟି ରୋକିବା ପାଇଁ ଜୀବିକା ମିଶନର ପ୍ରୟାସ

# ୪ ବ୍ଲକରୁ ସାମିଲ ହେବେ ୪ ହଜାର ପରିବାର

ମାଲକାନଗିରି,୧୨।୭ (ଡି.ଏନ୍.ଏ.

ମାଲକାନଗିରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜିଲାରେ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା ଅପପୁଷ୍ଟି ରୋକିବା ପାଇଁ ଏକ ପ୍ରୟାସ ଶୁକ୍ରବାର ଆରମ୍ଭ ହୋଇଛି। ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମାଲକାନଗିରି, ମାଥିଲି, ଚିତ୍ରକୋଣ୍ଡା, ଖଇରପୁଟ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଓଡିଶା ଜୀବିକା ମିଶନ ପକ୍ଷରୁ ଏପରି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲାର ପ୍ରତ୍ୟେକ ବ୍ଲକରୁ ୫୦ରୁ ଉର୍ଦ୍ଧ୍ୱ ମହିଳା ଏଥିରେ ଅଂଶଗ୍ରହଣ କରି ବୈଷୟିକ ଜ୍ଞାନ ସମ୍ପର୍କିତ ତାଲିମ ନେବା ସହ ଅପପୁଷ୍ଟି ପାଇଁ ପୁଷ୍ଟିକର ଖାଦ୍ୟର ବଗିଚା ପ୍ରସ୍ତୁତ କରିଥିଲେ। ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ


ମହିଳାଙ୍କ ତାଲିମ ପାଇଁ ପ୍ରସ୍ତୁତ ନକ୍ସା ।

ବାଲାଜୀ ପଟ୍ଟନାୟକଙ୍କ ନେତୃତ୍ୱରେ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ପରିସରରେ ୫୦ଜଣ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଅଳ୍ପ ସ୍ଥାନରେ କିପରି ପୁଷ୍ଟିକର ପରିବା ଚାଷ କରାଯାଇପାରିବ ସେସମ୍ପର୍କରେ ଅବଗତକରି ବାଇଗଣ, ଶାଗ, କଞ୍ଚା ମରିଚ, ଟମାଟୋ, ଅମୃତଭଣ୍ଡା, କଦଳୀ, ଭେଣ୍ଡି, କାକୁଡି, ଜହ୍ନି ଆଦି ପରିବା ଚାରାରୋପଣ ଏବଂ ସ୍ଥାନ ପ୍ରସ୍ତୁତି ସମ୍ପର୍କରେ ଅଧିକାରୀମାନେ ସେମାନଙ୍କୁ ତାଲିମ ଦେଇଥିଲେ। ବିଶେଷ କରି ଗର୍ଭବତୀ, କିଶୋରୀ ବାଳିକା ଓ ଅପପୁଷ୍ଟିରେ ଥିବା ପରିବାରକୁ ଚିହ୍ନଟ କରି ପ୍ରଥମ ପର୍ଯ୍ୟାୟରେ ଉପରୋକ୍ତ ୪ଟି ବ୍ଲକର ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ପରିବାରଙ୍କୁ ଏଥିରେ ସାମିଲ କରାଯିବ ବୋଲି ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ କହିଛନ୍ତି। କୃଷି ମିତ୍ର ଓ ଓଡିଶା ଜୀବିକା ମିଶନର କର୍ମଚାରୀମାନଙ୍କ ତତ୍ତ୍ୱାବଧାନରେ ଏହି ଚିହ୍ନଟ ପ୍ରକ୍ରିୟା ଶେଷ ପରେ ସେମାନଙ୍କୁ ମାଗଣାରେ ବିହନ, ସାର ଆଦି ପ୍ରୋତ୍ସାହନ ମିଳିବ। ଏହି କାର୍ଯ୍ୟକ୍ରମ ସମୟରେ ମାଲକାନଗିରି ବିଡିଓ ଗୁଣନିଧି ନାୟକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ମିଶ୍ର, ହିମାଂଶୁ ଭୂଷଣ ମହାରଣା ଉପସ୍ଥିତ ଥିଲେ।

■ ହାଟ ଦିନ ଘୁଞ୍ଚାଇବାକୁ ଦାବି

# ମଙ୍ଗଳବାର ପରିବର୍ତ୍ତେ ରବିବାର ବସୁ ହାଟ

ମାଲକାନଗିରି,୧୨।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ମାଲକାନଗିରି–ବାଲିମେଳା ମୁଖ୍ୟ ରାସ୍ତା କଡରେ ଥିବା ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ବୁଟିଗୁଡା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟଠାରୁ ମାତ୍ର ୫୦ ମିଟର ଦୂରରେ ପ୍ରତି ମଙ୍ଗଳବାର ସାପ୍ତାହିକ ହାଟ ବସୁଛି । ଏହି ରାସ୍ତାରେ ମାଲକାନଗିରି ଦେଇ ବାଲିମେଳା, ଚିତ୍ରକୋଣ୍ଡା ସୀମାନ୍ତ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା, ଭଦ୍ରାଚଲମ ଆଦି ସ୍ଥାନକୁ ଶତାଧିକ ମାଲ ବୋଝେଇ ଭାରିଯାନ ଯାତାୟାତ କରୁଛି । ଫଳରେ ଉକ୍ତ ରାସ୍ତା ଗହଳି ରହିବା ସ୍ୱାଭାବିକ। ଏପରି ସ୍ଥଳେ ମଙ୍ଗଳବାର ସକାଳ ୮ଟାରୁ ଏଠାରେ ସାପ୍ତାହିକ ହାଟ ବସୁଛି। ଏହାର ନିକଟରେ ରହିଛି ୨ଟି ବିଦ୍ୟାଳୟ। ହାଟ ସମୟରେ ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।


ମାଲକାନଗିରି–ବାଲିମେଳା ରାସ୍ତା କଡରେ ବସୁଥିବା ହାଟ ।

ଜିଲାର ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଏହି ବଜାରରେ ବ୍ୟବସାୟ ପାଇଁ ଅସ୍ଥାୟୀ ଦୋକାନ ମାନ ରାସ୍ତାର ୨ କଡରେ କରିଥିବାରୁ ଉଭୟ ବ୍ୟବସାୟୀ ଏବଂ ଗ୍ରାହକଙ୍କ ଭିଡ ଲାଗି ରହୁଛି। ଏପରି କି ବୁଟିଗୁଡା ଛାତ୍ରାବାସ ସମ୍ମୁଖରେ ଅସ୍ଥାୟୀ ଦୋକାନ ଯୋଗୁ ସେହି ଛାତ୍ରାବାସରେ ରହୁଥିବା ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୁଟିଗୁଡା ଉଚ୍ଚ ପ୍ରକଳ୍ପ ବିଦ୍ୟାଳୟ , ଉଚ୍ଚ ବାଳକ ବିଦ୍ୟାଳୟ , କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହି ଜନଗହଳିପୂର୍ଣ୍ଣ ରାସ୍ତା ଦେଇ ଯାତାୟାତ କରୁଛନ୍ତି। ଜନଗହଳି ଏବଂ ଛାତ୍ରୀଛାତ୍ରଙ୍କ ନିରାପଦ ଯାତାୟାତ ଲାଗି ଏହି ହାଟକୁ ମଙ୍ଗଳବାର ପରିବର୍ତ୍ତେ ରବିବାର କରିବା ଲାଗି ସ୍ଥାନୀୟ ଲୋକେ ଚାହୁଁଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

■ ଗାଁର ନାଁ କାମାରଗୁଡା

# ୮କିମି ଗଲେ ଡାକ୍ତରଖାନା, ୧୫ କିମି ଗଲେ ପଞ୍ଚାୟତ

ଏମଭି ୭୯,୧୨।୭

ମାଲକାନଗିରି ଜିଲା କାଲିମେଳା ବ୍ଲକ ପଶୁଗୁ ପଞ୍ଚାୟତର ଜିନେଲଗୁଡାଠାରୁ ୪ କିମି ଦୂରରେ ରହିଛି ଆଦିବାସୀ ଗାଁ କାମାରଗୁଡା। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ଏଠାରେ ପହଞ୍ଚିପାରିନି ମୌଳିକ ସୁବିଧା ଓ ସୁଯୋଗ। ଗ୍ରାମରେ କେବେ ସରକାରୀ ବାବୁ କିମ୍ବା ଜନ ପ୍ରତିନିଧିଙ୍କ ପାଦ ପଡିନି। ସମସ୍ୟା ଭିତରେ ଦଶନ୍ଧି ପରେ ଦଶନ୍ଧି ଜୀବନ ଅତିବାହିତ କରି ଚାଲିଛନ୍ତି ଏହି ଗ୍ରାମବାସୀ। ଗ୍ରାମକୁ ଯିବାକୁ ରାସ୍ତା ନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ସୁବିଧା ଏଯାଏ ମିଳିନି। ଗ୍ରାମରେ ପହଞ୍ଚିବାକୁ ହେଲେ ନାଳ ପାହାଡ ରାସ୍ତା ଦେଇ ଯିବାକୁ ପଡେ। ଗ୍ରାମଠାରୁ ଅନ୍ୟ ଏକ ଗ୍ରାମ ଜିନାଲଗୁଡାରେ ରହିଛି ଗୋଟିଏ ପ୍ରାଥମିକ ବିଦ୍ୟାଳୟ। ଯେଉଁଠିକୁ


କାମାରଗୁଡା ଗ୍ରାମକୁ ଯାଇଥିବା ପାହାଡିଆ ରାସ୍ତା ।

ପିଲାଙ୍କୁ ଯିବା କଷ୍ଟକର ହୋଇଥାଏ ବୋଲି କେତେକ ଗ୍ରାମବାସୀ କହିଥାନ୍ତି। ସ୍ୱାସ୍ଥ୍ୟସେବା କଥା ନ କହିଲେ ଭଲ। ଦେହ କାହାର ଖରାପ ହେଲେ ୮କିମି ଦୂରରେ ଥିବା ଏମଭି– ୭୯ ଡାକ୍ତରଖାନା ଯିବାକୁ ପଡେ। ସେ ପର୍ଯ୍ୟନ୍ତ ରୋଗୀଙ୍କୁ ଭାରରେ ବୋହି ନେବାକୁ ପଡେ। ଦୁଇ ଦୁଇଟି ନାଳ, ଖାଲ ଖମା ଓ କାଦୁଅ ରାସ୍ତା ଦେଇ ପ୍ରାୟ ୧୫ କିମି ଅତିକ୍ରମ କରି ଯିବାକୁ ହୁଏ ପଶୁଗୁ ପଞ୍ଚାୟତକୁ । ସେଠାରୁ ସରକାରୀ ଚାଉଳ, କିରୋସିନ ଅବା ଭତ୍ତା ଆଣନ୍ତି ଗ୍ରାମବାସୀ। ପଞ୍ଚାୟତ କାର୍ଯ୍ୟାଳୟରୁ ଭାରରେ ବୋହି ବୋହି ଗ୍ରାମକୁ ଆଣନ୍ତି। ପିଇବା ପାଣି ମୁନ୍ଦେ ପାଇବାକୁ

■ ପାନୀୟ ଜଳ ପାଇଁ ଭୋଗୁଛନ୍ତି ଜଳକଷ୍ଟ

■ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ସେବା ନାହିଁ

■ ସରକାରୀ ବାବୁଙ୍କ ପାଦ ପଡେନି

କାମାରଗୁଡାବାସୀ ଭୋଗୁଛନ୍ତି ସବୁସମୟରେ ଜଳକଷ୍ଟ। ଗ୍ରାମରେ ନଳକୂପ ଥିଲେ ମଧ ସେଥିରୁ ପାଣି ବାହାରୁନାହିଁ । ପାଣି ପାଇଁ ଚୁଆ ଓ ନଦୀ ଉପରେ ସେମାନଙ୍କୁ ନିର୍ଭର କରିବାକୁ ପଡୁଛି। ଗ୍ରାମଠାରୁ ନଦୀର ଦୂରତା ପ୍ରାୟ ୪ କିମି । ଏଭଳି ସବୁବେଳେ ସମସ୍ୟାରେ ଜୀବନ କାଟୁଥିବା କାମାରଗୁଡାବାସୀଙ୍କ ସମସ୍ୟାର ଅନ୍ତ କେବେ ହେବ ତାହାର ଉତ୍ତର କାହା ପାଖରେ ନାହିଁ। ଏ ସମ୍ପର୍କରେ ପଚାରିବା ପାଇଁ ବିଡିଓ ଉମାଶଙ୍କର ଦଳେଇଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇନଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ